# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ।

ଅନୁଗୋଳ,ତା.୨୫.୦୫: ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ରାସ୍ତା ଦେଇ ଯାତାୟାତ କରୁଥିବା ବହୁ ଚକା ବିଶିଷ୍ଟ ଟ୍ରଲର ଗାଡିଗୁଡିକୁ ସକାଳ ୭ ଘଟିକାରୁ ଦିବା ୧ ଘଟିକା ଏବଂ ଅପରାହ୍ନ ୫ ଘଟିକା ଠାରୁ ରାତ୍ରି ୯ ଘଟିକା ପର୍ଯ୍ୟନ୍ତ ଚଳାଚଳ ନ କରିବା ପାଇଁ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକ ଦେଇଥିବା ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ପ୍ରସ୍ତାବିତ ସମୟରେ ଅଟକା ଯାଉଥିବା ଗାଡିଗୁଡିକ ରାସ୍ତା କଡରେ ବହୁ ସଂଖ୍ୟାରେ ଛିଡା ହୋଇ ରହିବା ଯୋଗୁଁ ଅନ୍ୟାନ୍ୟ ଗାଡି ଚାଳକ ଏବଂ ଜନସାଧାରଣମାନଙ୍କୁ ଯାତାୟତରେ ସମସ୍ୟା ଓ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହା ଉପରେ ବିସ୍ତୃତ ଅନୁଧ୍ୟାନ ପରେ ନିଷ୍ପତ୍ତି ନେବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ସ୍ଥାନମାନଙ୍କରେ ଲଗାଯାଇଥିବା ସି ସି ଟି ଭି ଦ୍ୱାରା ସୁରକ୍ଷା ନିୟମ ଭଙ୍ଗ କରୁଥିବା ଗାଡିଚାଳକମାନଙ୍କର ଫଟୋ ସବୁ ଆଂଚଳିକ ପରିବହନ ଅଧିକାରୀଙ୍କୁ ଯୋଗାଇ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ଏହାଦ୍ୱାରା ଗାଡିଗୁଡିକର ଗତି ବୃଦ୍ଧି ପାଇବ । ତୁକୁଡା ଠାରେ ରାସ୍ତା ଉପରେ ବ୍ୟବସାୟୀମାନେ ହାଟ ବସାଉଥିବାରୁ ଦୁର୍ଘଟଣା ହେବାର ଆଶଙ୍କା ବୃଦ୍ଧି ପାଇଛି । ଏହି ହାଟକୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ସ୍ଥାନ ନିରୁପଣ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସଡକ ସୁରକ୍ଷା ଉପରେ ଆଂଚଳିକ ପରିବହନ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ ପରିସଂଖ୍ୟାନ ସନ୍ତୋଷଜନକ ନଥିଲା, ତେଣୁ ଏହା ଉପରେ ଅଧିକ ଦୃଷ୍ଟି ଦେଇ ଜନସାଧାରଣଙ୍କ ସୁରକ୍ଷା ଏବଂ ସଡକ ସୁରକ୍ଷା ନିୟମ ଭଙ୍ଗକାରୀଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ଦୁର୍ଘଟଣାଜନିତ ମୃତ୍ୟୁ କାରଣରୁ ଉପଯୁକ୍ତ ପ୍ରମାଣ ପତ୍ର ସହ କ୍ଷତିପୂରଣ ସଠିକ୍ ସମୟରେ ବିଭାଗ ତରଫରୁ ପ୍ରଦାନ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡି ଏସ୍ ପି ଶ୍ରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ , ସଡକ ସୁରକ୍ଷା ଅଧିକାରୀ ଶ୍ରୀ ଗଗନ ପରିଡା, ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀଗଣ,ସାମ୍ବାଦିକ ଶ୍ରୀ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ANGUL
OPPO Reno7 5G
2023.05.25 12:31




OPPO Reno7 5G
2023.05.25 12:31